# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 05th January – 2026

***********************************

## ମୁଖ୍ୟ ସମ୍ବାଦ

- ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ୯୫ ପ୍ରତିଶତ ଅଭିଯୋଗର ସମାଧାନ ।

— ସରକାର ଲୋକଙ୍କ ଅଭିଯୋଗ ଓ ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେଉଛନ୍ତି; କହିଲେ ମୁଖ୍ୟମନ୍ତ୍ରୀ ।

- ରାଜ୍ୟରେ ୧୮ଟି ଜିଲ୍ଲାରେ ଚାଷୀଙ୍କଠାରୁ ୧୨ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଥିବା ସୂଚନା ଦେଲେ ଖାଦ୍ୟ ଯୋଗାଣ ମନ୍ତ୍ରୀ ।

- ଧାମରାରୁ S-400 ଦୂରଗାମୀ କ୍ଷେପଣାସ୍ତ୍ରର ବ୍ୟାବହାରିକ ପରୀକ୍ଷଣ ସଫଳ ।

ଏବଂ

- ଘନକୁହୁଡ଼ି ହେବା ନେଇ ୧୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର ।

**_Desk_**

## ମୁଖ୍ୟମନ୍ତ୍ରୀ - ଜନ ଅଭିଯୋଗ

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଗତ ୧୫ଟି ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୩ ହଜାର ୩୫୮ଟି ଅଭିଯୋଗ ମଧ୍ୟରୁ ୧୨ ହଜାର ୭୪୮ଟି ଅଭିଯୋଗର ସମାଧାନ ହୋଇଛି । ମୋଟ୍ ୯୫ ପ୍ରତିଶତ ଅଭିଯୋଗର ସମାଧାନ ହୋଇଥିବା ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପୂର୍ବାହ୍ନରେ ଭୁବନେଶ୍ୱର ୟୁନିଟ୍ ୨ ସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଲୋକଙ୍କ ଅଭିଯୋଗ ଶୁଣିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ୫୬ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଅଭିଯୋଗ ଶୁଣାଣି ହୋଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ଲୋକଙ୍କ ଅଭିଯୋଗ ଏବଂ ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେଉଛନ୍ତି । ଆଗାମୀ ଦିନରେ ନିୟମିତ ବ୍ୟବଧାନରେ ଅଭିଯୋଗ ଶୁଣାଣି କରାଯିବ । ମୁଖ୍ୟମନ୍ତ୍ରୀଙ୍କ ସହ ଆଜି ୭ ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ଥିଲେ ।

**_Bhadrak/R_**

## ଧାନ ସଂଗ୍ରହ

ରାଜ୍ୟର ୧୮ଟି ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୧୨ ଲକ୍ଷ ମେଟ୍ରିକ୍ ଟନ୍ ଧାନ ଚାଷୀଙ୍କଠାରୁ କିଣା ଯାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ

ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଭଦ୍ରକ ଜିଲ୍ଲାର ଇଛାପୁର ଅନ୍ତର୍ଗତ ବ୍ରହ୍ମପୁର ସେବା ସମବାୟ ସମିତିଠାରେ ସରକାରୀ ଧାନମଣ୍ଡିର ଶୁଭାରମ୍ଭ କରିବା ଅବସରରେ ମନ୍ତ୍ରୀ କହିଛନ୍ତି, ଚାଷୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି । ଏଥିସହ ଚାଷୀଙ୍କ ଧାନ କିଣାରେ କଟ୍‌ନୀ ଛଟ୍‌ନୀ କରାଯିବ ନାହିଁ ।

*Voice (KC Patra) :......*

କୃଷିର ଉନ୍ନତି ଓ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଜିଲ୍ଲାରେ ୯୬ ହଜାର ୨୩୩ ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ ୧୦୫ଟି ସେବା ସମବାୟ ସମିତି ଏବଂ ୪୭ଟି ସ୍ୱୟଂ ସହାୟକ ଗୋଷ୍ଠୀ ଧାନ ସଂଗ୍ରହ କରୁଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

***Desk***

# ପରେଡ୍ - ଆଇ.ଏନ୍.ଏସ୍. ଚିଲିକା

ଆଇ.ଏନ୍.ଏସ୍. ଚିଲିକାର ୨ ହଜାର ୭୦୦ ଜଣ ପ୍ରଶିକ୍ଷାର୍ଥୀଙ୍କ ପାସିଂ ଆଉଟ୍ ପ୍ୟାରେଡ୍ ଆସନ୍ତା ଗୁରୁବାର ଦିନ ଅନୁଷ୍ଠିତ ହେବ। ଏହି ପାସିଂ ଆଉଟ୍ ପରେଡ ୧୬ ସପ୍ତାହର କଠୋର ପ୍ରଶିକ୍ଷଣର ସଫଳ ପରିସମାପ୍ତିକୁ ଚିହ୍ନିତ କରି ପ୍ରଶିକ୍ଷାର୍ଥୀମାନଙ୍କୁ ଆଧୁନିକ ନୌସେନା କାର୍ଯ୍ୟକଳାପ ତଥା ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତ କରେ। ଚଳିତଥରର ପାସିଂ-ଆଉଟ୍

ବ୍ୟାଚ୍’ ୨ ହଜାର ୧୦୦ ଅଗ୍ନିବୀରଙ୍କୁ ନେଇ ଗଠିତ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି । ଏହି ଅବସରରେ ପ୍ରଶିକ୍ଷାର୍ଥୀଙ୍କ ଦ୍ୱିଭାଷୀ ପତ୍ରିକା ‘ଅଙ୍କୁର’ର ଉନ୍ମୋଚନ କରାଯିବ। ଆଇ.ଏନ୍.ଏସ୍. ଚିଲିକା ନାବିକ ଏବଂ ଅଗ୍ନିବୀରମାନଙ୍କ ପାଇଁ ଭାରତୀୟ ନୌସେନାର ଏକ ପ୍ରଶିକ୍ଷଣ ପ୍ରତିଷ୍ଠାନ।

*Desk*

## ସମ୍ବଲପୁର - ବାଘ

ସମ୍ବଲପୁର ଜିଲ୍ଲାରେ ଥିବା ଦେବ୍ରୀଗଡ଼ ଅଭୟାରଣ୍ୟକୁ ଦୁଇଟି ନୂଆ ବାଘ ଖୁବ୍‌ଶୀଘ୍ର ଅଣାଯିବ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କହିଛନ୍ତି। ଏ ସମ୍ପର୍କରେ ମନ୍ତ୍ରୀ କହିଛନ୍ତି, ଜାତୀୟ ବ୍ୟାଘ୍ର ସଂରକ୍ଷଣ ସହିତ ଆଲୋଚନା ଜାରି ରହିଛି। ପୂର୍ବରୁ ଶିମିଳିପାଳ ଅଭୟାରଣ୍ୟକୁ ଦୁଇଟି ବାଘ ଅଣାଯାଇଥିଲା।

*Desk*

## କ୍ଷେପଣାସ୍ତ୍ର ପରୀକ୍ଷଣ

ଧାମରାସ୍ଥିତ ଅବଦୁଲ କଲାମ୍ ଦ୍ୱୀପରୁ ଆଜି ଅପରାହ୍ଣରେ ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରୁଥିବା ଦୂରଗାମୀ S-400 କ୍ଷେପଣାସ୍ତ୍ରର ସଫଳ

ବ୍ୟାବହାରିକ ପରୀକ୍ଷଣ କରାଯାଇଛି । ଏହା ୪୦୦ କିଲୋମିଟର ପର୍ଯ୍ୟନ୍ତ ବିମାନ, ଡ୍ରୋନ୍, ବାଲିଷ୍ଟିକ୍ କ୍ରୁଜ୍‌ର ଲକ୍ଷ୍ୟଭେଦ କରିପାରିବ । ଏହି କ୍ଷେପଣାସ୍ତ୍ର ଅପରେସନ ସିନ୍ଦୂରରେ ବ୍ୟବହାର କରାଯାଇଥିଲା ।

***Ganjam/R***

# ଅଲିଭ୍ ରିଡ୍‌ଲେ

ରାଜ୍ୟ ସରକାର ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଅନେକ ପଦକ୍ଷେପ ନେଉଛନ୍ତି । ବର୍ତ୍ତମାନ ରାଜ୍ୟର ବିଭିନ୍ନ ବେଳାଭୂମିରେ ଅଲିଭ୍ ରିଡ୍‌ଲେଙ୍କ ସାମୂହିକ ଅଣ୍ଡାଦାନ ପାଇଁ କଟକଣା ଜାରି କରାଯାଇଛି । ଗଞ୍ଜାମ ଜିଲ୍ଲା ଋଷିକୁଲ୍ୟା ମୁହାଣକୁ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଭାବେ ବିବେଚନା କରାଯାଇଛି । ପୁଲିସ୍ ପ୍ରଶାସନ ପକ୍ଷରୁ ମତ୍ସ୍ୟଜୀବୀଙ୍କୁ ଅଧିକ ସତର୍କ ଓ ସଚେତନ କରାଯିବା ସହ ସମୁଦ୍ର ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି, ଚଳିତ ବର୍ଷ ୬ରୁ ୭ ଲକ୍ଷ ଅଲିଭ୍ ରିଡ୍‌ଲେ ଋଷିକୁଲ୍ୟାକୁ ଆସିବାର ସମ୍ଭାବନା ରହିଛି ।

***Voice (Khuntia)*** :..........

*Desk*

# ଦିବ୍ୟସିଂହ ଦେବ - ପୁଷ୍ୟାଭିଷେକ

ପୁରୀ ଶ୍ରୀନଅରରେ ଆଜି ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହଦେବଙ୍କ ରାଜଅଭିଷେକ ନୀତି ଅନୁଷ୍ଠିତ ହେବ।  ପରମ୍ପରା ଅନୁଯାୟୀ, ପୁଷ୍ୟା ନକ୍ଷତ୍ର ତିଥିରେ ଗଜପତି ମହାରାଜ ସିଂହାସନ ଆରମ୍ଭ କରିବା ସହ ଅଭିଷେକ ନୀତି ଅନୁଷ୍ଠିତ ହୋଇଥାଏ। ଏଥିପାଇଁ ଶ୍ରୀନଅରରେ ଅଭିଷେକ ନୀତି ପୂର୍ବରୁ ବରୁଣ ପୂଜା, ପଞ୍ଚଦେବତା ପୂଜା, ବଡ଼ଧନୀ କଳସୀ ପୂଜା ଏବଂ ରାମାଭିଷେକ ପଟ୍ଟିପୂଜା ଅନୁଷ୍ଠିତ ହେବ।   ପରେ ଗଜପତି ଏବଂ ମହାରାଣୀଙ୍କୁ ଅଭିମନ୍ତ୍ରିତ ଜଳରେ ଅଭିଷେକ କରାଯିବ। ଏହି ଅବସରରେ ଗଜପତିଙ୍କୁ ପଇତାଲାଗି ଏବଂ ମହାପ୍ରସାଦ ପ୍ରଦାନ କରାଯିବାର ବିଧି ରହିଛି। ସେହିପରି ଗଜପତି ତାଙ୍କର ପାରମ୍ପରିକ ବେଶରେ ଗାଦିକୁ ବିଜେ କରିବା ପରେ ୧୬ ଶାସନ ବ୍ରାହ୍ମଣ ଏବଂ ପଣ୍ଡିତମାନେ ତାଙ୍କୁ ନଡ଼ିଆ ଓ ପଇତା ପ୍ରଦାନ କରିବା ସହିତ ଗଜପତି ଆଶୀର୍ବାଦ କରିବେ।

*Boudh/R*

# ବୌଦ୍ଧ ମହୋତ୍ସବ

ବୌଦ୍ଧ ଜିଲ୍ଲା କଳା, ସଂସ୍କୃତି, ସାହିତ୍ୟ ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ବୌଦ୍ଧ

ମହୋତ୍ସବରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ଏହା ସାଂସ୍କୃତିକ ଓ ବାଣିଜ୍ୟ କେନ୍ଦ୍ର ହେବାକୁ ଯାଉଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଂସ୍କୃତିକ ସଭାରେ ମନ୍ତ୍ରୀ' ଜିଲ୍ଲାରେ ଆୟୋଜିତ ହେଉଥିବା ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମଦ୍ୱାରା ଓଡ଼ିଆ ଭାଷା ଓ ସଂସ୍କୃତି ସୁଦୃଢ଼ ହୋଇପାରୁଛି ବୋଲି ମତବ୍ୟକ୍ତ କରିଛନ୍ତି । କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ମଧ୍ୟ ଯୋଗ ଦେଇଥିଲେ ।

*Sambalpur/R*

## ଲୋକ ମହୋତ୍ସବ

ସମ୍ବଲପୁର ଲୋକ ମହୋତ୍ସବ ଅବସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେଶନରେ ପଶ୍ଚିମ ଓଡ଼ିଶାର ଲୋକସାହିତ୍ୟ, ସଂସ୍କୃତି ଓ ପର୍ବ ଉପରେ ଆଲୋଚନା ହୋଇଥିଲା ।

*Ganjam/R*

## ଶୀତକାଳକୀନ ସେବା ଶିବିର

ଗଞ୍ଜାମ ଜିଲ୍ଲା ଛତ୍ରପୁର ମହିଳା ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ପକ୍ଷରୁ ବାସନାପଲ୍ଲୀ ଗ୍ରାମରେ ସାତଦିନିଆ ଶୀତକାଳୀନ ସେବା ଶିବିର

ଆୟୋଜିତ ହୋଇଯାଇଛି । ଏଥିରେ ସେବାସଂସ୍ଥାର ସ୍ୱେଚ୍ଛାସେବୀମାନେ ସ୍ୱଚ୍ଛତା ଅଭିଯାନ, ତମାଖୁ ବର୍ଜନ, ପରିବେଶ ସୁରକ୍ଷା, ସାଇବର ନିରାପତ୍ତା ଆଦି ସମ୍ପର୍କରେ ଶୋଭାଯାତ୍ରା ସହ ନାଟକ ପରିବେଷଣ କରିଥିଲେ ।

*Nayagarh/R*

## ରେଡ୍‌କ୍ରସ୍ ଶିବିର

ନୟାଗଡ଼ ଜିଲ୍ଲାସ୍ତରୀୟ ଜୁନିୟର୍ ରେଡ୍‌କ୍ରସ୍ ଶିବିର ଶରଣକୂଳ ନିକଟସ୍ଥ ସୋଲାପଟା ପି.ଏମ୍.ଶ୍ରୀ ଉଚ୍ଚ ବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଛି । ଶିବିରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୨୪୭ ଜଣ ଜେ.ଆର୍.ଟି. ଛାତ୍ରଛାତ୍ରୀ ଓ ୪୭ ଜଣ କାଉନ୍‌ସିଲର୍ ଯୋଗ ଦେଇଥିଲେ ।

*Desk, Bhadrak, Nabarangpur, Kendrapara, Ganjam, Nayagarh, Malkanrigi, Deogarh, Sonepur/R*

## ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୪୫ଟି ଅଭିଯୋଗର ଶୁଣାଣି କରାଯାଇ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଓ ରେଡ୍‌କ୍ରସ ପାଣ୍ଠିରୁ ୨୯ ଜଣଙ୍କୁ ୧ ଲକ୍ଷ ୮୯ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି ।

ନବରଙ୍ଗପୁର ପୌରପାଳିକାରେ ଅନୁଷ୍ଠିତ ଶିବିରରେ ୬ ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା ।

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ଅନୁଷ୍ଠିତ ଶିବିରରେ ୩ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

ଗଞ୍ଜାମ ଜିଲ୍ଲା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଶିବିରରେ ୮ ଜଣଙ୍କୁ ରେଡ୍‌କ୍ରସ୍ ପକ୍ଷରୁ ୨୭ ହଜାର ୫୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଛି ।

ନୟାଗଡ଼, ମାଲକାନଗିରି, ଦେବଗଡ଼, ସୁବର୍ଣ୍ଣପୁର ଆଦି ଜିଲ୍ଲାରେ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିବା ଖବର ଆମର ହସ୍ତଗତ ହୋଇଛି ।

*Desk*

# ପକ୍ଷୀ ଦିବସ

ପକ୍ଷୀମାନଙ୍କର ସୁରକ୍ଷା ଏବଂ ପରିବେଶ ପ୍ରତି ତାଙ୍କର ଅବଦାନ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜାତୀୟ ପକ୍ଷୀ ଦିବସ ପାଳନ କରାଯାଉଛି । ପରିବେଶର ସନ୍ତୁଳନ ପାଇଁ ପକ୍ଷୀମାନଙ୍କୁ ମାନବ ସମାଜର ବନ୍ଧୁ ମଧ୍ୟ କୁହାଯାଇଥାଏ। ବର୍ତ୍ତମାନ ସମୟରେ ଅନେକ ପ୍ରଜାତିର ପକ୍ଷୀ ଯଥା– ଚିଲ, ଶାଗୁଣା ଆଦି ବିଲୁପ୍ତ ପ୍ରାୟ ହେଲେଣି। ପକ୍ଷୀ ବଂଶକୁ ରକ୍ଷା

କରିବା ଏବଂ ସେମାନଙ୍କର ବଂଶବୃଦ୍ଧି କରିବା ପାଇଁ ଆଜିର ପକ୍ଷୀ ଦିବସ ପାଳନ ପାଇଁ ପୃଥିବୀର ଅନେକ ରାଷ୍ଟ୍ର ସହମତି ପ୍ରଦାନ କରିଛନ୍ତି।

ଗତ ବର୍ଷ ଶୀତଋତୁରେ ଓଡ଼ିଶାକୁ ୨୩ ଲକ୍ଷ ୫୫ ହଜାର ୮୫୦ଟି ବିଦେଶୀ ପକ୍ଷୀ ଆସିଥିଲେ। ଚିଲିକା ଡିଭିଜନ୍‌କୁ ସର୍ବାଧିକ ୧୧ ଲକ୍ଷ ୨୭ ହଜାର ୨୨୮ଟି ପକ୍ଷୀ ଆସିଥିବା ତଥ୍ୟରୁ ଜଣାପଡ଼ିଛି। ରାଜ୍ୟ ପର୍ଯ୍ୟଟନ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଚିଲିକାଠାରେ ଆସନ୍ତାକାଲିଠାରୁ ପକ୍ଷୀ ମହୋତ୍ସବ ଆୟୋଜିତ ହେବ । ଏହି ମହୋତ୍ସବ ଜୈବ ବିବିଧତାର ସଂରକ୍ଷଣ ସହ ଚିଲିକାରେ ପକ୍ଷୀଙ୍କ ସୁରକ୍ଷା ଏବଂ ଦାୟିତ୍ୱପୂର୍ଣ୍ଣ ପର୍ଯ୍ୟଟନ ଅଭ୍ୟାସକୁ ପ୍ରୋତ୍ସାହିତ କରିବାରେ ସହାୟକ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

***Desk***

# ପାଣିପାଗ

ରାଜ୍ୟରେ ଶୀତର ଲହରି ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆଜିଠାରୁ ସର୍ବନିମ୍ନ ତାପମାତ୍ରା ଆହୁରି ୨ରୁ ୪ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନକୁହୁଡ଼ି ହେବା ନେଇ ଖୋର୍ଦ୍ଧା, କଟକ, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, ବଲାଙ୍ଗିର ଓ କୋରାପୁଟ ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି।

******